# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**16 June - 2024**

**News Editor : *Tapan Kumar Moharana***

*********************************

## ମୁଖ୍ୟ ସମ୍ବାଦ

- ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସ୍ନାନପୂର୍ଣ୍ଣିମା ଏବଂ ରଥଯାତ୍ରା ସୁଚାରୁରୂପେ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ କଲେ ବୈଠକ
- ଦେଶରେ ଆସନ୍ତା ଜୁଲାଇ ପହିଲାରୁ ଲାଗୁ ହେବ ଭାରତୀୟ ନ୍ୟାୟ ସଂହିତା, ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଆଇନ୍ ୨୦୨୩
- ସମ୍ବଲପୁର ସହରର ସାମଗ୍ରିକ ବିକାଶ ପାଇଁ ଦୀର୍ଘମିଆଦୀ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ; କହିଲେ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଏବଂ

- ରାଜ୍ୟର ପଶ୍ଚିମାଞ୍ଚଳ ଜିଲ୍ଲାଗୁଡ଼ିକରେ ଆଜି ମଧ୍ୟ ଜାରି ରହିଛି ଗ୍ରୀଷ୍ମପ୍ରବାହ

## ସ୍ନାନପୂର୍ଣ୍ଣିମା ବୈଠକ

ଶ୍ରୀକ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସ୍ନାନପୂର୍ଣ୍ଣିମା ଏବଂ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସୁଚାରୁରୂପେ ପରିଚାଳନା କରିବା ପାଇଁ ଆଜି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଅତିଥି ଭବନରେ ବସିଥିବା ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ପୁଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକ ପରେ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଉଭୟ ଯାତ୍ରା ଓ ସମନ୍ୱୟ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି। ନୀତିକାନ୍ତି ସଂକ୍ରାନ୍ତରେ ସେବାୟତ ଓ ପରିଚାଳନା କମିଟି ସହିତ ଆଗାମୀ ଦିନରେ ବୈଠକ ହେବ ବୋଲି ଆଇନ୍‌ମନ୍ତ୍ରୀ କହିଛନ୍ତି। ଚାରିଦ୍ୱାର ଖୋଲିବା ପରେ ଶ୍ରୀମନ୍ଦିରରେ ଅସମ୍ଭାଳ ଭିଡ ହେଉଥିବା ସମ୍ପର୍କରେ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ରଜ ଛୁଟି ଯୋଗୁ ଶ୍ରୀମନ୍ଦିରରେ ପ୍ରବଳ ଭିଡ ହେଉଛି। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ନଜରକୁ ଆସିନାହିଁ। ଭିଡ ନିୟନ୍ତ୍ରଣ ସହିତ ଶ୍ରଦ୍ଧାଳୁମାନେ କିପରି ଶାନ୍ତିଶୃଙ୍ଖଳାରେ ଠାକୁରଙ୍କୁ ଦର୍ଶନ କରିବା ନେଇ ସମସ୍ତ ପ୍ରକାର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

## କେନ୍ଦ୍ର ଶିକ୍ଷାମନ୍ତ୍ରୀ-ନୀଟ୍

ସର୍ବ ଭାରତୀୟ ଡାକ୍ତରୀ ପାଠ୍ୟକ୍ରମର ପ୍ରବେଶିକା ପରୀକ୍ଷା -ନୀଟ୍-୨୦୨୪ ପରୀକ୍ଷାକୁ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, କେତୋଟି ପରୀକ୍ଷା କେନ୍ଦ୍ରରେ ଅବ୍ୟବସ୍ଥାର ଖବର ମିଳିଛି । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ମେଧାବୀ ଛାତ୍ରମାନଙ୍କର କୌଣସି ସ୍ୱାର୍ଥକୁ ଅଣଦେଖା କରାଯାଇପାରିବ ନାହିଁ । ନୀଟ୍ ପରୀକ୍ଷାର ଅବ୍ୟବସ୍ଥା ପାଇଁ ଦାୟୀ ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଛନ୍ତି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୩୦ ତାରିଖ ରବିବାର ଦିନ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କୁ ସମ୍ବୋଧନ କରିବ । ଏହା ତାଙ୍କର ୧୧୧ ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମ ହେବ । ଏଥିପାଇଁ ନରେନ୍ଦ୍ର ମୋଦୀ ଆପ୍ କିମ୍ବା My Gov Open Forumରେ ପ୍ରଧାନମନ୍ତ୍ରୀ ଲୋକମାନଙ୍କଠାରୁ ଆସନ୍ତା ୨୮ ତାରିଖ ସୁଦ୍ଧା ମତାମତ ଆହ୍ୱାନ କରିଛନ୍ତି ।  ଏହାଛଡ଼ା ନିଃଶୁଳ୍କ ନମ୍ବର ୧୮୦୦-୧୧-୭୮୦୦କୁ ଡାଏଲ କରି ସେମାନେ ସେମାନଙ୍କର ସନ୍ଦେଶ ହିନ୍ଦୀ କିମ୍ବା ଇଂରାଜୀରେ ରେକର୍ଡ କରିପାରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଏବଂ ଦୂରଦର୍ଶନ ମାଧ୍ୟମରେ ତଥା AIR ନ୍ୟୁଜ୍ ୱେବ୍‌ସାଇଟ୍ newsonair ମୋବାଇଲ୍ ଆପ୍‌ରେ ପ୍ରସାରଣ କରାଯିବ । AIR ନ୍ୟୁଜ୍, DD News ଏବଂ ପିଏମ୍‌ଓ ଅଫିସ୍‌ର ୟୁ-ଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ଉପଲବ୍ଧ ହେବ । ପ୍ରଧାନମନ୍ତ୍ରୀଙ୍କ ହିନ୍ଦୀ ଅଭିଭାଷଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତର ପ୍ରସାରଣ କରାଯିବ ।

## ସମ୍ବଲପୁର ମାଷ୍ଟର ପ୍ଲାନ୍-ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର ସହରର ସାମଗ୍ରୀକ ବିକାଶ କରିବା ପାଇଁ ଦିର୍ଘମିଆଦୀ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଗାମୀ ବର୍ଷାଋତୁକୁ ଦୃଷ୍ଟିରେ ରଖି ସମ୍ବଲପୁରର ରାସ୍ତାଘାଟ, ପାନୀୟଜଳ, ସ୍ୱାସ୍ଥ୍ୟସେବା, ପରିମଳ, ସ୍ୱଚ୍ଛତା ଉପରେ ଜୋର୍ ଦେବା ପାଇଁ ଆଜି ଜିଲ୍ଲା ପ୍ରଶାସନକୁ ମନ୍ତ୍ରୀ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଛନ୍ତି। ଲୋକମାନଙ୍କର ସୁବିଧା ସହ କ୍ରୀଡାକୁ ପ୍ରୋତ୍ସାହନ, କଳା ଓ ସଂସ୍କୃତିକୁ ଆଗକୁ ନେବା ପାଇଁ ବହୁମୁଖୀ ସାଂସ୍କୃତିକ କେନ୍ଦ୍ର ପ୍ରତିଷ୍ଠା ଆଦି ସମ୍ପର୍କରେ ଆଜିର ବୈଠକରେ ଆଲୋଚନା ହୋଇଥିଲା।

ସୂଚନା ଅନୁସାରେ, ସିନ୍ଦୁରପଙ୍କରୁ ନକ୍ସାପାଲି ପର୍ଯ୍ୟନ୍ତ ପୁରୁଣା ଜାତୀୟ ରାଜପଥ ସ୍ୱାଭାବିକ ହେବା ସହିତ ସରଳା ଓଭରବ୍ରିଜ ଠାରୁ ଆଗକୁ ଥିବା ରାସ୍ତାକୁ ୬ ଲେନ୍ କରାଯିବାର କାମ ଆରମ୍ଭ ହୋଇଛି ବୋଲି ଜଣାପଡିଛି। ପଡିଆବାହାଲରୁ ଗୋଶାଳା ପର୍ଯ୍ୟନ୍ତ ୧୮ କିଲୋମିଟର ଜାତୀୟ ରାଜପଥ ସମ୍ବଲପୁରର ମୁଖଶାଳା ହେବ ତଥା ଏକ ବିକାଶର ମାର୍ଗ କରିବା ପାଇଁ ଯୋଜନା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

# ଧର୍ମେନ୍ଦ୍ର ପ୍ରଧାନ-ସମ୍ବଲପୁର

ଶ୍ରୀ ପ୍ରଧାନ ସାଂସଦ ଭାବେ ନିର୍ବାଚିତ ହେବା ପରେ ପ୍ରଥମଥର ପାଇଁ ସମ୍ବଲପୁର ଗସ୍ତରେ ଆସି ସମ୍ବଲପୁରକୁ ଏକ ଅଗ୍ରଣୀ ଅଞ୍ଚଳ କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବ ବୋଲି କହିବା ସହିତ ଏହି ସହରକୁ ଏକ

ଜ୍ଞାନ ଆଧାରିତ ଅର୍ଥନୀତିର ପେଣ୍ଠସ୍ଥଳ କରିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି ।

## ଡିପ୍‌ଥେରିଆ ରୋଗ

ରାୟଗଡ଼ା ଜିଲ୍ଲା କାଶୀପୁରର ମାନୁସ୍‌ପଦର ଗ୍ରାମରେ ଡିପ୍‌ଥେରିଆ ରୋଗରେ ଆଉ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ପୂର୍ବରୁ ଏହି ରୋଗରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ସରକାରୀ ଭାବେ କୁହାଯାଇଛି । ସେହିଭଳି ଆକ୍ରାନ୍ତଙ୍କ ସଂଖ୍ୟା ୧୫ କୁ ବୃଦ୍ଧି ପାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିଳକଣ୍ଠ ମିଶ୍ର କହିଛନ୍ତି ।

ସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାସ୍ଥ୍ୟ ବିଭାଗ ଓ ଆଞ୍ଚଳିକ ଡାକ୍ତରୀ ଗବେଷଣା କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଓ ସମ୍ପୃକ୍ତ ଅଞ୍ଚଳକୁ ଅତିଶୀଘ୍ର ଏକ ମୋଟର ଚଳାଚଳ ରାସ୍ତା ନିର୍ମାଣ କରିବାକୁ ପଞ୍ଚାୟତିରାଜ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାସ୍ଥ୍ୟ ବିଭାଗର ଡାକ୍ତରୀ ଦଳ ସମ୍ପୃକ୍ତ ଅଞ୍ଚଳ ଗସ୍ତ କରି ଘରକୁ ଘର ବୁଲି ଚିକିତ୍ସା ସେବା ଯୋଗାଇ ଦେଇଛନ୍ତି ବର୍ତ୍ତମାନ ସ୍ଥିତି ନିନ୍ତ୍ରୟଣାଧୀନ ଥିବା ସରକାରୀ ଭାବେ କୁହାଯାଇଛି ।

## ରେଳ ମନ୍ତ୍ରଣାଳୟ-ଲିମ୍‌କା ବୁକ୍ ରେକର୍ଡ

ଜନସେବା କାର୍ଯ୍ୟକ୍ରମରେ ଅଧିକ ଲୋକଙ୍କୁ ଏକତ୍ରିତ କରିବା ଲାଗି ଭାରତୀୟ ରେଳ ମନ୍ତ୍ରଣାଳୟକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ମିଳିଛି । ରେଳ ମନ୍ତ୍ରଣାଳୟ ଗତ ଫେବୃୟାରୀ ମାସ ୨୬ ତାରିଖରେ ଏକ କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ଏହି କାର୍ଯ୍ୟକ୍ରମରେ ୨ହଜାର ୧୪୦ଟି

ସ୍ଥାନରେ ୪୦ଲକ୍ଷ ୧୯ହଜାର ୫୧୬ଜଣ ଲୋକ ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସଡ଼କ ଉପରେ ରେଳ ଓଭରବ୍ରିଜ୍ ଏବଂ ସଡ଼କ ତଳେ ରେଳ ଅଣ୍ଡର ବ୍ରିଜ୍ ଉଦ୍‌ଘାଟନ ଏବଂ ରେଳ ଷ୍ଟେସନର ଶିଳାନ୍ୟାସ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଭାରତୀୟ ରେଳ ମନ୍ତ୍ରଣାଳୟର ଲୋକମାନଙ୍କର ଏକତ୍ରୀକରଣ କାର୍ଯ୍ୟକ୍ରମକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡ଼୍‌ସରେ ସାମିଲ କରାଯାଇଛି ।

## ଅଭୟା କାଳୀ ପୂଜା

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ୍ ଅନ୍ତର୍ଗତ କୁଟାସିଂହା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ଅଭୟା କାଳୀଙ୍କ ପୂଜା ଆରମ୍ଭ ହୋଇଛି। ଆସନ୍ତାକାଲିଠାରୁ ୨୨ ତାରିଖ ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ। ପୂଜାର ମୁଖ୍ୟ ଆକର୍ଷଣ ହେଉଛି ରାବଣ ଦରବାର। ମା’ଙ୍କୁ ନଡିଆ ଓ ମୁଗରେ ତିଆରି ଖିରି ତଥା ଖଇ ଲାଗି କରାଯାଇଥାଏ।

## ରଜଉତ୍ସବ-ବାଲିହରଚଣ୍ଡୀ

ପୁରୀ ଜିଲ୍ଲା ବ୍ରହ୍ମଗିରିର ମା’ ବାଲିହରଚଣ୍ଡୀଙ୍କ ପୀଠରେ ରଜ ଉତ୍ସବ ପାଳିତ ହୋଇଛି। ୪ ଦିନ ଧରି ପାଳିତ ହେଉଥିବା ରଜଉତ୍ସବର ଆଜି ତୃତୀୟ ଦିନରେ ମା’ଙ୍କୁ ସରସ୍ୱତୀ ବେଶରେ ସୁସଜ୍ଜିତ କରାଯାଇଛି। ଆସନ୍ତାକାଲି ଶେଷ ଦିନରେ ମା’ ମହାକାଳୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ।

ସୂଚନାଯୋଗ୍ୟ, ରଜଉତ୍ସବର ପ୍ରଥମ ଦିନରେ ମା’ଙ୍କର କୁମାରୀ ବେଶ ଏବଂ ଦ୍ୱିତୀୟ ଦିନ ରଜ ସଂକ୍ରାନ୍ତିରେ ମହାଲକ୍ଷ୍ମୀ ବେଶ ଅନୁଷ୍ଠିତ ହୋଇଥିଲା।

## ରଥକାଠ

ପୁରୀ ରଥଯାତ୍ରା ରଥ ନିର୍ମାଣ ପାଇଁ ବୌଦ୍ଧ ବନଖଣ୍ଡ ମନମୁଣ୍ଡା ବନାଞ୍ଚଳରୁ ୨୪ଟି କାଠ ପୁରୀ ପଠାଯାଇଛି। ଶ୍ରୀମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ପୂଜାର୍ଚ୍ଚନା କରାଯାଇ ୩ଟି ସେକ୍ସନରୁ ଗଛ କଟାଯାଇଥିଲା। ସୂଚନାଯୋଗ୍ୟ, ବୌଦ୍ଧ ବନଖଣ୍ଡ ଅଧୀନରେ ଥିବା ଜଙ୍ଗଲରୁ ଚଳିତବର୍ଷ ରଥଯାତ୍ରା ପାଇଁ ୧୯୦ ଖଣ୍ଡ କାଠ ବର୍ତ୍ତମାନ ସୁଦ୍ଧା ପଠାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ନୂଆ ଫୌଜଦାରୀ ଆଇନ୍

ଫୌଜଦାରୀ ନ୍ୟାୟ ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ କେନ୍ଦ୍ର ସରକାର ୩ ନୂଆ ଆଇନ୍ ଆଣିଛନ୍ତି। ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ ଗତ ଡିସେମ୍ବର ୨୫ ତାରିଖରେ ଏହି ନୂଆ ଆଇନ୍ ଭାରତ ସରକାରଙ୍କ ରାଜପତ୍ରରେ ପ୍ରକାଶ ପାଇଛି। ଆସନ୍ତା ମାସ ପହିଲାରୁ ଦେଶରେ ଏହି ୩ ନୂଆ ଅପରାଧ ଆଇନ ଲାଗୁ ହେବ। ୧୮୬୦ ମସିହାରୁ ପ୍ରଚଳିତ ହୋଇ ଆସୁଥିବା ଭାରତୀୟ ଦଣ୍ଡବିଧାନ ଆଇନ (ଆଇପିସି), ଅପରାଧିକ ଦଣ୍ଡ ସଂହିତା (ସିଆରପିସି) ୧୯୭୩ ଏବଂ ଭାରତୀୟ ପ୍ରମାଣ ଆଇନ୍ ୧୮୭୨କୁ ପରିବର୍ତ୍ତନ କରାଯାଇଛି। ଏଗୁଡ଼ିକ ସ୍ଥାନରେ ଯଥାକ୍ରମେ ଭାରତୀୟ ନ୍ୟାୟ ସଂହିତା ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ-୨୦୨୩ ଲାଗୁ ହେବ। ତେବେ ନୂଆ ଆଇନ୍ ଓ ପୁରୁଣା ଆଇନ୍ ମଧ୍ୟରେ ଅନେକ ଫରକ ରହିଛି। ପୁରୁଣା ଆଇନର ନିୟମରେ ଅପରାଧକୁ ଗୁରୁତ୍ୱ ଦିଆଯାଉଥିଲା। ହେଲେ ନୂଆ ଆଇନ ବ୍ୟବସ୍ଥାରେ ନ୍ୟାୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ମାନବାଧିକାର ଓ ତଦନ୍ତରେ କିଭଳି ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯିବ, ଆବଶ୍ୟକ ସମୟରେ କିପରି ଅଧିକ ଶକ୍ତି

ବିନିଯୋଗ କରାଯିବ, ନୂଆ ଆଇନ୍‌ରେ ସେ ସବୁର ବ୍ୟବସ୍ଥା ରହିଛି । ଓଡ଼ିଶା ହାଇକୋର୍ଟର ଆଇନ୍‌ଜୀବୀ ଗୋପୀନାଥ ମିଶ୍ର ଆକାଶବାଣୀକୁ ଏହି ୩ ନୂଆ ଆଇନ୍ ବିଷୟରେ କହିଛନ୍ତି....

## - V/O –

## ପାଣିପାଗ

ରାଜ୍ୟର ଆଭ୍ୟନ୍ତରୀଣ ଏବଂ ପଶ୍ଚିମାଞ୍ଚଳ ଗୁଡ଼ିକରେ ଗ୍ରୀଷ୍ମ ପ୍ରବାହର ପରିମାଣ ଅଧିକ ରହୁଥିବା ପାଣିପାଗ ବିଭାଗର ସୂଚନାରୁ ଜଣାପଡିଛି । ହେଲେ, ଆସନ୍ତା ସପ୍ତାହରୁ ବର୍ଷା ହେବାର ସମ୍ଭାବନା ରହିଛି । ମୌସୁମୀ ବର୍ତ୍ତମାନ କୋରାପୁଟରେ ସକ୍ରିୟ ରହିଥିବାବେଳେ ଆଗାମୀ ୩ ରୁ ୪ ଦିନ ମଧ୍ୟରେ ଆଗକୁ ଅଗ୍ରସର ହେବ । ଫଳରେ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବ । ରାଜ୍ୟର ଉପକୂଳ ଅଂଚଳରେ ପ୍ରାକ୍ ମୌସୁମୀ ବର୍ଷା ହୋଇଥିଲେ ମଧ୍ୟ ଗୁଳୁଗୁଳି ଜାରି ରହିଛି । ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଅଛି ।

********************************